**Series SOS**

**Code No. 13**

Candidates must write the Code on the title page of the answer-book.

Roll No. | | | | | | | |

- Please check that this question paper contains **7** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **13** questions.
- **Please write down the Serial Number of the question before attempting it.**
- 15 minutes time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer script during this period.

# ODIA

# ଓଡ଼ିଆ

*Time allowed : 3 hours* | *Maximum Marks : 100*

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 100*

## 'କ' ବିଭାଗ

**1.** ଅନୁଚ୍ଛେଦଟି ପାଠକରି ଶେଷରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ନିଜ ଭାଷାରେ ଦିଅ : *5×2=10*

ଓଡ଼ିଶା ଏକ କୃଷି ପ୍ରଧାନ ଦେଶ । ଏଠାରେ କୃଷକର ଆର୍ଥିକ ଅବସ୍ଥା ଆଦୌ ଭଲ ନଥାଏ । ଦିନରାତି କଠିନ ପରିଶ୍ରମ

କଲେ ସୁଦ୍ଧା ସେ ପେଟପୁରା ଖାଇବାକୁ ପାଏନାହିଁ । କାହାରି ଦେହଖରାପ ହେଲେ ସେ ଔଷଧ ଦେଇ ପାରେନା । ଅତିକଷ୍ଟରେ ସେ ପରିବାର ସହ ଖଣ୍ଡିଆ ଗୃଳଘରେ ରହେ । ତାର ପିଲାଏ ପାଠପଢି ପାରନ୍ତି ନାହିଁ । ଇଚ୍ଛା ଥିଲେ ବି ଆର୍ଥିକ ଅନଟନରୁ ତା ପିଲ୍‌ପଚୁଆ ସ୍କୁଲ ମାଡ଼ିପାରନ୍ତି ନାହିଁ । ନିତିଦିନର ତାର ସାଥୀ ହେଉଚ୍ଛି ଗାଈବଳଦ । ଏମାନଂକ ଗୁହାଳକୁ ମଧ୍ୟ ସେ ଭଲଭାବେ ଚୁପର କରିପାରେନା । ଗାଇ ଗୋରୁ ବହୁତ କଷ୍ଟ ସହିଥାନ୍ତି । ବର୍ଷାଦନେ ପାଣି ଆଉ ଖରାଦିନେ ଖରା ଏଇ ଗୁହାଳ ଭିତରେ ପଡିଥାଏ । ଏତେସବୁ କଷ୍ଟପରେ ମଧ୍ୟ କୃଷ୍କକ ସୁନାର ଫସଲ ଦେଖି ଖୁସିହୁଏ । ବିଭିନ୍ନ ପ୍ରକାରର ପର୍ବପବାଣୀ ଭିତରେ ନିଜକୁ ବୁଡାଇ ରଖି ଦିନରାତିର କଷ୍ଟ ସେ ଭୁଲିଯାଏ । ବାରମାସରେ ସେ ତେରପର୍ବ ପାଳିଥାଏ ଯଥା – ରଜପର୍ବ, ଦୋଳଯାତ୍ରା, ଦୀପାବଳୀ, ଦଶହରା, ବିଷୁଦ୍ଧ ସଂକ୍ରାନ୍ତି, ବଡ଼ଓଷା ଇତ୍ୟାଦି । ଏଇସବୁ ପର୍ବ, ତାକୁ ଦୁଃଖ ଭିତରେ ବଂଚିବା ପାଇଁ ସାହସ ଦେଇଥାଏ ।

(କ) ଓଡ଼ିଶାରେ କୃଷକର ଆର୍ଥିକ ଅବସ୍ଥା କିପରି ?

(ଖ) କୃଷକ କେଉଁଠି ରହେ ?

(ଗ) ତାର ପିଲାଏ କାହିଁକ ସ୍କୁଲ ଯାଇପାରନ୍ତିନାହିଁ ?

(ଘ) କୃଷକର ଗୁହାଳାରର ଅବସ୍ଥା କିପରି ହୋଇଥାଏ ?

(ଙ) ଦୁଃଖଭିତରେ ବଂଚିବା ପାଇଁ ସେ କେଉଁଠୁ ସାହସ ପାଇଥାଏ ?

## 'ଖ' ବିଭାଗ

2. *ଗୋଟିଏ* ବିଷୟରେ ପ୍ରବନ୍ଧ ଲେଖ : (ଶବ୍ଦସଂଖ୍ୟା ୨୫୦ ରୁ ୩୦୦) 10

(କ) କଂପୁଟରଶିକ୍ଷା

(ଖ) ଯୌତୁକ ଏକ ବ୍ୟାଧି

(ଗ) ବନ ମହୋତ୍ସବ

3. ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ଚଳାଇବା ପାଇଁ ଦାବି କରି ସଂବାଦପତ୍ର ସଂବାଦକଙ୍କୁ ପତ୍ର ଲେଖ । 8

କିମ୍ବା

ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟସଡକ ଯୋଜନାରେ ଘୃଲିଥିବା ଦୁର୍ନୀତିକୁ ପ୍ରଘଟ କରି ଉଚିତ ମାର୍ଗ ଦର୍ଶନ ନିମନ୍ତ୍ରେ ସଂବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ ।

4. ସମ୍ବଲପୁରରେ ଅନାହାରରେ ଦୁଇଜଣ ଘୃଷୀଙ୍କ ମୃତ୍ୟୁକୁ ଆଧାର କରି ସମ୍ବାଦପତ୍ର ପାଇଁ ଏକ ବିବରଣୀ ପ୍ରସ୍ତୁତି କର । 7

କିମ୍ବା

କେନ୍ଦୁଝରରେ ଲୁହାପଥରର ଘ୍ରୋଗୃଲାଣ ଉପରେ ସଂବାଦପତ୍ର ପାଇଁ ଏକ ବିବରଣୀ ପ୍ରସ୍ତୁତ କର ।

## 'ଗ' ବିଭାଗ

5. (କ) ନିର୍ଦ୍ଦେଶ ଅନୁଯାଇ ବାକ୍ୟ ଗୁଡ଼ିକର ପରୀବର୍ତ୍ତନ କର : (୩ଟି) 3

(i) ସେ ଚୋରି କରିବାରୁ ଦଣ୍ଡ ପାଇଲା । (ଯୌଗିକକର)

(ii) ସଂଧ୍ୟାହୁଏ ଓ ପଶ୍ଚିମ ଆକାଶ ଲାଲ ଦେଖାଯାଏ । (ସରଳକର)

(iii) ଯେ ପ୍ରତିଭାବାନ, ସେ ଯଶସ୍ୱୀହୁଏ । (ସରଳକର)

(iv) ଛାତ୍ରମାନେ ପରିଶ୍ରମ କରନ୍ତି ଓ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି । (ଜଟିଳକର)

(v) ରାତି ଆସିବାରୁ ତାରାମାନେ ଆକାଶରେ ଦେଖାଦେଲେ । (ଯୌଗିକକର)

(ଖ) ବିଶେଷ ଅର୍ଥରେ ବାକ୍ୟରେ ପ୍ରୟୋଗ କର : (୩ଟି) 3

ଦାଉସାଧିବା, ଅହିନକୁଳ ସଂପର୍କ, ଅଲଣାକଥା, ହାତଧରିବା ଭାଲୁଧରେଇବା, ବଣବିଚୁଆତି

(ଗ) ଭ୍ରମ ସଂଶୋଧନ କର : (୩ଟି) 3

ଅପରାହ୍ନ, ଅଭ୍ୟସ୍ଥ, ଦ୍ୱନ୍ଦ, ଦୂର୍ଗ, ବାହାନ, ବିଷର୍ଣ୍ଣ, ରବିନ୍ଦ୍ର, ଶାରିରିକ

6. (କ) ଉଦାହରଣ ଦେଇ 'ସମଛନ୍ଦ' ବା 'ବିଷମଛନ୍ଦ' କ'ଣ ବୁଝାଅ । 3

(ଖ) ଉଦାହରଣ ଦେଇ 'ଛେକାନୁପ୍ରାସ' କିମ୍ବା 'ରୂପକ' ଅଲଂକାରକୁ ବୁଝାଅ । 3

## 'ଘ' ବିଭାଗ

7. 'ଜାତିର ଜୀବନ ଓ ତାର ସଂସ୍କୃତି ଅଙ୍ଗାଙ୍ଗୀ ଭାବରେ ଜଡିତ' – ପଠିତ ପ୍ରବନ୍ଧ ଅନୁସରଣରେ ବିଶ୍ଳେଷଣ କର । 8

**କିମ୍ବା**

'ମଧୁସନ୍ଧାନ' ପ୍ରବନ୍ଧରୁ 'ମଧୁ' ଭାବଟିର ଗୁରୁତ୍ୱ ଉପରେ ଆଲୋଚନା କର ।

8. ସଂକ୍ଷେପରେ ଉତ୍ତର ଦିଅ : (୨ଟି) $2\times2\frac{1}{2}=5$

(କ) କେଉଁ ବସ୍ତୁଟି ମଣିଷକୁ ଇତରପ୍ରାଣୀଙ୍କଠାରୁ ଶ୍ରେଷ୍ଠଭାବରେ ଦର୍ଶାଇ ପାରିଛି ?

(ଖ) 'ଓଡ଼ିଆଜାତିକିଏ'-ପ୍ରବନ୍ଧଟି କେଉଁମଞ୍ଚରେ ଅଭିଭାଷଣ ରୂପେ ଉପସ୍ଥାପିତ ହୋଇଥିଲା ?

(ଗ) ପ୍ରାବନ୍ଧିକ 'ଶ୍ରେଷ୍ଠକଚୁଆନ' ବୋଲି କାହାକୁ କହିଛନ୍ତି ?

(ଘ) ଅଧିକାଂଶ ଅପରାଧୀଙ୍କ ଚରିତ୍ର କାହିଁକି ଚିରକାଳ କଷ୍ଟଦାୟକ ହୋଇଥାଏ ?

9. ସପ୍ରସଂଗ ସରଳାର୍ଥ ଲେଖ । 7

କାରଣ ପ୍ରତିହିଂସା ପଶୁ ପ୍ରବୃତ୍ତିକୁ ଜାଗ୍ରତକରି ଜଗତରେ ଅପରାଧ ବଢ଼ାଏ; କିନ୍ତୁ କ୍ଷମା ମାନବପ୍ରାଣର ଦେବଭାବର ସଞ୍ଚାର କରି ଅପରାଧକୁ ସମୂଳେ ନଷ୍ଟକରେ ।

**କିମ୍ବା**

ଅନ୍ୟମାନେ ମଣିଷପରି ଦିଶୁଥିଲେ ମଧ୍ୟ ମଣିଷ ପରି ଅଭିନୟ କରୁଥିବା ମଣିଷ ବେଶଧାରୀ ଅନ୍ୟକୌଣସି ଜନ୍ତୁ ମାତ୍ର ।

10. ମାନବଜୀବନର ଚିରନ୍ତନ ସତ୍ୟ କିପରି 'ଜଗତେକେବଳ' କବିତାରେ ଉଦଘାଟିତ ହୋଇଛି, ଆଲୋଚନା କର । 8

କିମ୍ବା

'ବର୍ଷା'ରେ ରାଧାନାଥଙ୍କ ଜୀବନ ପ୍ରତି ଦୃଷ୍ଟିକୋଣ କିପରି ପ୍ରତିଫଳିତ ହୋଇଛି ବିଶ୍ଳେଷଣ କର ।

11. ସଂକ୍ଷେପରେ ଉତ୍ତର ଦିଅ । (୨ଟି) $2 \times 2\frac{1}{2} = 5$

(କ) ସଂସାର-ଜଂଜାଳ-ଲିପ୍ତ ମଣିଷ ମୃତ୍ୟୁପରେ କେଉଁଠାରେ ପଡିଥାଏ ?

(ଖ) କବି ରାଉତରାୟ ତାଂକର ଚିତା କେଉଁଠି ଜଳିବ ବୋଲି କାହିଁକି କହିଛନ୍ତି ?

(ଗ) ଈଶ୍ୱର କ'ଣ ସବୁ ଯୋଡ଼ି ଭିଆଣ କରିଛନ୍ତି ?

(ଘ) ପୃଥିବୀ ସମ ସହନଶୀଳ କାହାକୁ କୁହାଯାଇଛି ଓ କାହିଁକି ?

12. ସପ୍ରସଂଗ ବ୍ୟାଖ୍ୟା କର । 7

ଲାଗିଛି ସଂସାର ମଧ୍ୟରେ ହାଟ
ମାତ୍ରକ ମୋହର ପଡିଲା ବାଟ
ନାହିଁ ଦେହେ ବଳ, ହେଲିଣିବୁଢା
ମୋହ ନାମ ଭାଇ, ହାଟବାହୁଡ଼ା

କିମ୍ବା

ପ୍ରାଣୀଙ୍କଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଚ୍ଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।

**13.** ଯେ କୌଣସି ***ଦୁଇଟି*** ଚରିତ୍ରର ବୈଶିଷ୍ଟ୍ୟ ନିରୂପଣ କର : *2×5=10*

(କ) ଜୟକୃଷ୍ଣ

(ଖ) ପଦନ

(ଗ) କ୍ୟାପଟେନ ହର୍କୋଟ

(ଘ) ରାଣୀ